# Akashvani, Sambalpur

# SAMBALPURI NEWS EVENING BULLETIN

## 25 july 2026-7.02- 7.12 pm.

---

୧- ଶ୍ରୀକ୍ଷେତ୍ର ପୁରୀ ନ ରଥ ଉପ୍‌ରେ ସୁନାବେଶଥି ଭକ୍ତମାନ୍‌କୁ ଦର୍ଶନ୍ ଦେଉଛନ୍ ଚତୁର୍ଦ୍ଧାମୂର୍ତି ।

୨- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଆଏବାକାଏଲ୍ ଦେଶ୍‌ବାସୀଙ୍କୁ ସମ୍ବୋଧନ୍ କର୍‌ବେ ପ୍ରଧାନ୍‌ମନ୍ତ୍ରୀ ।

୩- କେନ୍ଦ୍ରମନ୍ତ୍ରୀମଣ୍ଡଲ୍‌ନୁ ଇସ୍ତଫା ଦେଲେ ଧର୍ମେନ୍ଦ୍ର ପ୍ରଧାନ୍ ।

୪- ଭୁବ୍‌ନେଶ୍ୱର୍ ନ ଆଏଜ୍‌ଠାନୁ ମୁଲ୍ ହେଉଛେ ସର୍ବଭାରତୀୟ ଜୁନିୟର୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ୍ ।

ଆଉର୍

୫- ପଶ୍ଚିମବଙ୍ଗ୍- ଓଡ଼ିଶା ସମୁଦ୍ରଖଁଡ଼ିନ ସୃଷ୍ଟି ହେଲା ଲଘୁଚାପ୍ କ୍ଷେତ୍ର ।

- ରାଏଜେ ଆଏବା ୪ ଦିନ୍ ତକ୍ ଲାଗି ରହେବା ବର୍ଷା ।

ସୁନାବେଶ          ଆର୍ଏନ୍ୟୁ/ କଟକ୍

ଶ୍ରୀକ୍ଷେତ୍ର ପୁରୀ ନ ସିଂହଦୁଆର ଆଗାଡ଼େ ତିନ୍ହି ରଥଥି ଚତୁର୍ଦ୍ଧା ମୂର୍ତି ସୁନାବେଶଥି ଭକ୍ତମାନ୍କୁ ଦର୍ଶନ୍ ଦେଉଛନ୍ । ସୁନାବେଶ ସଞ୍ଜର୍ ୫ ବାଜିକରି ୧୦ ମିନିଟ୍ନୁ ମୁଲ୍ ହେଇଥିବାର୍ ବେଲେ ରାତିର୍ ୧୧ ବଜେତକ୍ ଚାଲ୍ବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ସୂଚ୍ନା ମିଲିଛେ । ଅଷାଢ଼୍ ମାସର୍ ଉଜଲ୍ ପଖର୍ ପବିତ୍ର ଶ୍ରୀହରିଶୟନ ଏକାଦଶୀ ତିଥି ନ ମାହାପୁରୁମାନ୍କର୍ ସୁନାବେଶ ହେସି । ଇ ବେଶଥି ପ୍ରଭୁ ଶ୍ରୀ ବଲଭଦ୍ର, ଶ୍ରୀଜଗନ୍ନାଥ ଆର୍ ଦେବୀ ସୁଭଦ୍ରା ଙ୍କୁ ହୀରା, ନୀଲା, ମୋତି ମାଣିକ୍ୟ ଖଞ୍ଜା ହେଇଥିବା ଶହେ ୩୮ ପ୍ରକାରର୍ ସୁନା ଅଲଙ୍କାର୍ଥି ସଜାଯାଇଛେ । ଇ ବାବ୍ଦେ ଶୁନୁନ୍ ଗୁଟେ ରିପୋର୍ଟ...

(ଭଏସ୍ ଓଭର୍-ମୃଣାଳିନୀ ସାହୁ)

*ରତ୍ନବେଦୀକେ ଯିବାର୍ ଆଘୋନୁ ରଥ ଉପ୍ରେ ମାହାପୁରୁମାନେ ମହଣ ମହଣ ସୁନାଥି ବେଶ ହେଇକରି ଶ୍ରଦ୍ଧାଳୁମାନ୍କୁ ଦର୍ଶନ୍ ଦେଉଛନ୍ । ମାହାପୁରୁମାନ୍କର୍ ଇ ରାଜରାଜେଶ୍ୱର ବେଶକେ ଦେଖିବାର୍ ଲାଗି ବଡ଼ଦାଣ୍ଡ ନ ଜବର୍*

ଜନସମାବେଶ୍ ଦେଖିବାର୍‌କେ ମିଳିଛେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସୁନା କିରିଟ, ଶ୍ରୀପୟର, ଶ୍ରୀଭୁଜ, ଆଡକାନୀ, ତିଳକ, ଝୋବାକଣ୍ଠି, ତ୍ରିଖଣ୍ଡିକା, କମରପଟୀ, ଶ୍ରୀବଳଭଦ୍ରଙ୍କୁ, କୁଣ୍ଡଳ, ରତ୍ନଖଚିତ ଘାଗଡାମାଳି, କଦମ୍ବମାଳି, ହଳମୁଷଳ, ଚନ୍ଦ୍ରସୂର୍ଯ୍ୟ, ଅଳକା, ଓଡିଆଣି, ଚନ୍ଦ୍ରିକା, ଆଉ ଦେବୀ ସୁଭଦ୍ରାଙ୍କୁ କାନ, ଘାଘଡାମାଳି, ସେବତୀମାଳି ତଗଡୀ ଆଦି ଅଳଙ୍କାରରେ ଆଭୂଷିତ କରାଯାଇଛେ । ତିନି ରଥ ନ ମାହାପୁରୁମାନ୍‌କୁ ପାଳିଆ ପୁଷ୍ପାଳକ, ଦଇତାପତି, ଖୁଂଟିଆ ମେକାପ ପ୍ରମୁଖ ସୁନାବେଶ ଲାଗି କର୍‌ସନ୍ ।

ସନ୍ଧ୍ୟାଆଲ୍‌ତୀ ନୀତି ଶେଷ୍ ହେବାର୍ ଉତ୍‌ରୁ ଉପର୍‌ବେଲା ୫ ବଜେନୁ ମାହାପୁରୁମାନ୍‌କର୍ ସୁନାବେଶ ମୁଲ୍ ହେଇଛେ । କାର୍ଯ୍ୟନିର୍ଘଂଟ ଅନ୍‌ସାରେ ରାତିର୍ ୧୧ ବଜେତକ୍ ଶ୍ରୀଜୀଉମାନ୍‌କର୍‌ନୁ ଅଲଙ୍କାର୍ ସବୁ ବାହାର୍ କରାଯିବା । ଇତାର୍ ଉତ୍‌ରୁ ବଡ଼ସିଂହାର ବେଶ ଆଉ ବଡ଼ସିଂହାର ଭୋଗ ହେବା । ଇତାର୍ ଉତ୍‌ରୁ ଶୟନ ଠାକୁର ବିଜେ କର୍‌ବେ । ହରିଶୟନ ନୀତି ଉତ୍‌ରୁ ରାତ୍ରପହୁଡ଼ ନୀତି ହେବା । ସୁରକ୍ଷାକେ ନଜର୍‌ଥି ରଖିକରି ପୁଲିସ୍ ପ୍ରଶାସନ୍ ତର୍‌ଫୁ ସବୁ ବନ୍ଦୋବସ୍ତ କରାଯାଇଛେ । ଆକାଶ୍‌ବାଣୀ ସମ୍ବଲ୍‌ପୁର୍ ସମ୍ବାଦ ବିଭାଗ୍ ତର୍‌ଫୁ ମୃଣାଳିନୀ ସାହୁ ।

ସୁନାବେଶ-୧ ନୂଆପଡ଼ା/ ବୌଦ୍ଧ/ ଦେବ୍‌ଗଡ଼୍

ବୌଦ୍ଧ ଠାନେ ତିନ୍‌ହି ମାହାପୁରୁଙ୍କର୍ ସୁନାବେଶ ହେଇଛେ । ସୁନାବେଶ ଦେଖିବାର୍ ଲାଗି ହଜାର୍ ହଜାର୍ ଭକ୍ତଙ୍କର୍ ସମାଗମ୍ ହେଇଛେ ।

ସେନ୍ତା ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଠାନେ ମହାପ୍ରଭୁ ଜଗନ୍ନାଥ୍‌ଙ୍କର୍ ପତିତ ପାବନ ରୂପେ ରଥଉପ୍‌ରେ ଅଧରପଣା ନୀତିକାନ୍ତି ଅନୁଷ୍ଠିତ୍ ହେଉଛେ ।

ସେଆଡ଼େ ଦେବ୍‌ଗଡ଼୍ ନ ଆଏଜ୍ ବାହୁଡ଼ାଯାତ୍ରା ହେଉଛେ ।

ଗଲାକାଏଲ୍ ନୀତିକାନ୍ତି ଉତ୍‌ରୁ ମାହାପୁରୁମାନ୍‌କୁ ପହଣ୍ଡି କରାଯାଇକରି ରଥ୍ ଘିଚା ହେଇଥିଲା । ଆଏଜ୍ ଆର୍ ଆଏବା କାଏଲ୍ ଦୁଇଦିନ୍‌ତକ୍ ରଥ୍‌ଘିଚା ହେବା ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ

ଦୁନିଆସାରା ଲୁକ୍‌କର୍ ସାଙ୍ଗେ ଭାବ୍ ଦିଆନିଆ କର୍‌ବେ । ଇଟା ତାଙ୍କର୍ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍ ଆଉ ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇତାର୍ ସିଧା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା ।

ପିଏମ୍-ବିକଶିତ ଭାରତ        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଉପର୍‌ବେଲା ଆଭାସୀ ଜରିଏ ବିକଶିତ୍ ଭାଇବ୍ରେଂଟ୍ ଭିଲେଜ୍ କାର୍ଯ୍ୟକ୍ରମ୍‌ର ପ୍ରତିଯୋଗୀମାନ୍‌କର୍ ସାଙ୍ଗେ ଭାବ ବିନିମୟ କର୍‌ବେ । ଇ କାର୍ଯ୍ୟକ୍ରମ୍‌ଥି ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଇଲାକାର୍ ୪ ଶହ ଝନ୍ ଯୁଆନ୍ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିକରି

ପ୍ରଧାନ୍‌ମନ୍ତ୍ରୀଙ୍କର୍ ସାଙ୍ଗେ ଆଲୋଚନା କର୍‌ବେ । 'ବିକଶିତ୍ ଭାଇବ୍ରେଂଟ୍ ଭିଲେଜ୍ କାର୍ଯ୍ୟକ୍ରମ' ଗଲା ମାସ ୪ ତାରିଖ୍‌ନୁ ୩୦ ତାରିଖ୍‌ତକ୍ ଲଦାଖ୍, ହିମାଚଲ୍‌ପ୍ରଦେଶ୍ ଆଉ ଉତରାଖଣ୍ଡ୍‌ର ୭୪ ଟା ଗାଁକେ ନେଇକରି ହେଇଥିଲା । ସାରାଦେଶେ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତା ଜରିଏ ପ୍ରତିଯୋଗୀମାନ୍‌କୁ ବଛାଯାଇଥିଲା । ୩ ଲାଖ୍ ନୁ ଅଏତ୍‌କା ଯୁଆନ୍ ପ୍ରତିଯୋଗୀ ଇ ଅନ୍‌ଲାଇନ୍ କୁଇଜ୍ ପ୍ରତିଯୋଗିତାଥି ଭାଗ୍ ନେଇଥିଲେ ।

ଧର୍ମେନ୍ଦ୍ର ପ୍ରଧାନ୍‌ଙ୍କର୍ ଇସ୍ତଫା ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ମନ୍ତ୍ରିମଣ୍ଡଲ୍‌ନୁ ଇସ୍ତଫା ଦେଇଛନ୍ । ଇ ବାବ୍‌ଦେ ସାମାଜିକ୍ ଗଣମାଧ୍ୟମ୍‌ଥି ଶ୍ରୀ ପ୍ରଧାନ୍ କହିଛନ୍, ତାଙ୍କର୍ ଜୀବନ୍ ଛାତ୍ର, ଶିକ୍ଷକ୍ ଆଉ ଶିକ୍ଷାଥି ସଂସ୍କାର୍ ଲାଗି ସମର୍ପିତ୍ ରହିଥିବା । ଗୁଟେ ସଶକ୍ତ, ସାମଗ୍ରୀକ ଆଉ ଦୂରଦର୍ଶୀ ଶିକ୍ଷା ବ୍ୟବସ୍ଥା' ସଶକ୍ତ ରାଷ୍ଟ୍ରର ମୂଳଦୂଆ ଆଏ । ସେ ଦେଶର୍ ଯୁଆନ୍ ପିଢ଼ିଙ୍କର୍ ଆକାଂକ୍ଷା, ଭାବ୍‌ନାକେ ସମ୍ମାନ୍ କର୍‌ସନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍

ନେତୃତ୍ୱରେ ତାଙ୍କୁ ଦେଶ୍‌ସେବା କର୍‌ବାର୍ ଲାଗି ସୁଯୋଗ୍ ମିଲିଥିବାର୍‌ନୁ ସେ ପ୍ରଧାନ୍‌ମନ୍ତ୍ରୀଙ୍କୁ କୃତଜ୍ଞତା ଜନେଇଛନ୍ ।

ଦୁର୍ଘଟଣା-ମୁଖ୍ୟମନ୍ତ୍ରୀ ସାହାଜ୍ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ଖୋର୍ଦ୍ଧା ଗଙ୍ଗାପଡ଼ା ପାଖର୍ ସଡ଼କ୍ ଦୁର୍ଘଟଣାରେ ବାପା ଆଉ ଝିର୍ ଜୀବନ୍ ଯାଇଥିବାର୍ ଘଟ୍‌ନାରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁଃଖ ପ୍ରକାଶ୍ କରି୍‌କରି ସେମାନ୍‌କର୍ ପରିବାର୍ ଲୁକ୍‌କୁ ସମବେଦନା ଜନେଇଛନ୍ । ଇତାର୍‌ସହେତେ ସେମାନ୍‌କର୍ ପରିବାର୍ ଲୁକ୍‌କୁ ମୁଖ୍ୟମନ୍ତ୍ରୀଙ୍କର୍ ରିଲିଫ୍ ପାଣ୍ଠିନୁ ୪ ଲାଖ୍ ଟଙ୍କାର୍ ସାହାଜ୍ ଘୋଷ୍‌ନା କରିଛନ୍ ।

ଛୁଟି ଆବେଦନ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟ ସର୍‌କାର୍‌ଙ୍କର୍ ଅଧୀନ୍‌ରେ କାମ୍ କରୁଥିବା ସର୍‌କାରୀ କର୍ମଚାରୀମାନେ ବ୍ୟକ୍ତିଗତ କାରଣ୍‌ନୁ ରାଜ୍ୟ କି ଦେଶ୍ ବାହାର୍‌କେ ବୁଲି ଯିବାର୍‌କେ ହେଲେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କମ୍‌ସେକମ୍ ୨୧ ଦିନ୍ ଆଘୋନୁ ଛୁଟି ଲାଗି ଆବେଦନ୍

କର୍‌ବାର୍‌କେ ହେବା । ଜରୁରୀକାଲୀନ୍ ପରିସ୍ଥିତିକେ ଛାଡ଼ିଦେଲେ ଅଲ୍‌ଗା ସମିଆଥି ଭିଲ୍ ମୁଖ୍ୟାଲୟ ଛାଡ଼୍‌ବାର୍ ଲାଗି ଇ ନିୟମ୍ ଲାଗୁ ହେବା ବଲି ଅର୍ଥ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ ।

ଉଚ୍ଚସ୍ତରୀୟ ବୈଠକ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଶିଳ୍ପାୟନ୍‌କେ ଅଏତ୍‌କା ଗତିଶୀଳ କର୍‌ବାର୍ ଆଉ ବ୍ୟବସାୟ କର୍‌ବାର୍ ସୁଗମତାକେ ବର୍‌କସ୍ କର୍‌ବାର୍ ଲାଗି ଉଚ୍ଚସ୍ତରୀୟ ବୈଠକ୍ ହେଇଯାଇଛେ । ଓଡ଼ିଶା ଶିଳ୍ପ ଭିତିଭୂମି ଉନ୍ନୟନ୍ ନିଗମ୍ ବିଭାଗ୍ ଅଧ୍ୟକ୍ଷା ଆଉ ଗୃହ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଉଷା ପାଢ଼ୀଙ୍କର୍ ଅଧ୍ୟକ୍ଷତାଥି ଭୁବନେଶ୍ୱର୍ ନ ହେଇଥିବା ବୈଠକ୍‌ଥି ଶିଳ୍ପ ଭିତିଭୂମି, ଜମି ଆବଂଟନ୍, ବିଦ୍ୟୁତ୍, ଜଲଯୋଗାଣ, ଭିନ୍ ଭିନ୍ ନିୟାମକ ପ୍ରକ୍ରିୟାର୍ ସରଳୀକରଣ୍ ଉପ୍‌ରେ ଆଲୋଚନା କରାଯାଇଛେ । ରାଜ୍ୟର୍ ଭିନ୍ ଭିନ୍ ପ୍ରମୁଖ ଶିଳ୍ପ ସଂଗଠନ୍, ବାଣିଜ୍ୟ ମଣ୍ଡଳ, କ୍ଷୁଦ୍ର, ଲଘୁ ଆଉ ମଧ୍ୟମ୍ ସଂଗଠନ୍ ଆଉ ଆଂଚଳିକ ଶିଳ୍ପ ସଂସ୍ଥାର୍ ପ୍ରତିନିଧି ମାନେ

ଯୋଗ୍ ଦେଇକରି ସେମାନ୍‌କର୍ ଭିନ୍ ଭିନ୍ ସମସ୍ୟା ଜନାବାର୍ ସହେତେ ବହୁତ୍‌ଟେ ପ୍ରସ୍ତାବ୍ ଉପସ୍ଥାପନ୍ କରିଥିଲେ । ଖୋର୍ଦ୍ଧା ଶିଳ୍ପାଂଚଲ୍ ନ ଜଲଯୋଗାଣ ସ୍ୱାଭାବିକ୍ ହେଇଥିବାର୍ ବେଲେ ଇନ୍‌ଫୋସିଟିଥି ବହୁସ୍ତରୀୟ ପାର୍କିଂ ପ୍ରକଳ୍ପ ଆଉ ୭ ଟା ପ୍ରମୁଖ ଶିଳ୍ପାଂଚଲ୍‌ଥି ପାଖାପାଖି ୫ ଶହ କୋଟି ଟଙ୍କା ଖର୍ଚ୍ଚାଥି ଭିତିଭୂମି ଉନ୍ନୟନ୍ କାମ୍ ଚାଲିଥିବା ବୈଠକ୍‌ଥି ସୂଚ୍‌ନା ଦିଆଯାଇଛେ ।

ଏନ୍‌ଟିଏ ଆର୍‌ଏନ୍‌ୟୁ/ କଟକ୍

ଜାତୀୟ ପରୀକ୍ଷଣ୍ ସଂସ୍ଥା- ଏନ୍‌ଟିଏ ତର୍‌ଫୁ ଭିନ୍ ଭିନ୍ ସ୍ତର୍‌ଥି ବରିଷ୍ଠ ବୃତିଗତ ପଦ୍‌ବୀ ଲାଗି ନିଯୁକ୍ତି ବାବଦ୍ ବିଜ୍ଞପ୍ତି ଜାରି ହେଇଛେ । ସେନ୍ତା କେନ୍ଦ୍ରୀୟ ଲୋକ୍‌ସେବା ଆୟୋଗର ପ୍ରତିଭାସେତୁ ପୋର୍ଟାଲ୍ ଜରିଏ ଭିଲ୍ ୧୬ ଝନ୍ ବୃତିଗତଙ୍କୁ ନିଯୁକ୍ତି ଲାଗି ପ୍ରକ୍ରିୟା ମୁଲ୍ ହେଇଛେ । ଏନ୍‌ଟିଏ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ଜାତୀୟ ପରୀକ୍ଷଣ୍ ସଂସ୍ଥାକେ ଅଏତ୍‌କା ବର୍‌କସ୍ କର୍‌ବାର୍ ଲାଗି ଇ ପଦକ୍ଷେପ୍ ନିଆଯାଇଛେ । ପ୍ରଫେସର୍ କେ.

ରାଧାକ୍ରିଷ୍ଣନ୍‌ଙ୍କର୍ ଅଧ୍ୟକ୍ଷତାଥି ଗଠିତ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟିର୍ ସୁପାରିଶ୍ ଆଧାର୍‌ଥି ଇଟାକେ କାର୍ଯ୍ୟକାରୀ କରାଯାଉଛେ ବଲି ଏନ୍‌ଟିଏ ତର୍‌ଫୁ କୁହାଯାଇଛେ । ଚୁକ୍ତିଭିତିକ ୪ ଟା ଜେନେରାଲ୍ ମେନେଜର୍ ପଦ୍‌ବୀ ଲାଗି ବିଜ୍ଞପ୍ତିଥି କୁହାଯାଇଛେ । ଭବିଷ୍ୟତ୍‌ଥି କମିଟି ସୁପାରିଶ୍ କରିଥିବା ୧୦ ଟା କାର୍ଯ୍ୟକ୍ଷେତ୍ର ଲାଗି ଆହୁରି ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ଏନ୍‌ଟିଏ କହିଛେ ।

ସେଆଡ଼େ ସଂସ୍କାର୍‌ମୂଲକ୍ ପଦକ୍ଷେପ୍ ହିସାବେ ୪୭ ଝନ୍ ଅଧିକାରୀଙ୍କୁ ଏନ୍‌ଟିଏ ତର୍‌ଫୁ ଚାକିରୀନୁ ବାହାର୍ କରାଯାଇଛେ । ପ୍ରଶ୍ନପତ୍ର ପ୍ରଘଟ୍ ମାମ୍‌ଲା ପରିପ୍ରେକ୍ଷୀଥି ଇ ପଦକ୍ଷେପ୍ ନିଆଯାଇଛେ ବଲି ଜନାପଡ଼ିଛେ । ଇତାର୍‌ଭିତ୍‌ରୁ କିଛି ଅଧିକାରୀଙ୍କର୍ ବିରୋଧିଥି ଅପରାଧିକ କାର୍ଯ୍ୟକଳାପ ଅଭିଯୋଗ୍ ନେଇକରି ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ଏନ୍‌ଟିଏ କହିଛେ ।

ଜୁନିୟର୍ ରେଙ୍କିଙ୍ଗ ଟୁର୍ଣ୍ଣାମେଂଟ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍‌ର ଡାଲ୍‌ମିୟା ଭାରତ୍ ଗୋପୀଚାନ୍ଦ୍ ବେଡ଼ମିଂଟନ୍ ଉକ୍ରର୍ଷ କେନ୍ଦ୍ର ନ ଆଏଜ୍‌ଠାନୁ ସର୍ବଭାରତୀୟ

ଜୁନିୟର୍ ରେଙ୍କିଙ୍ଗ୍ ଟୁର୍ଣ୍ଣାମେଂଟ୍ ମୁଲ୍ ହେଉଛେ । ୫ ଦିନ୍‌ତକ୍ ହେବାର୍‌କେ ଥିବା ଇ ପ୍ରତିଯୋଗିତାଥି ୧୫ ଶହନୁ ଅଏତ୍‌କା ଖେଲାଳି, କର୍ମଚାରୀ ଆଉ ଅଲ୍‌ଗା ଅଧିକାରୀ ସାମିଲ୍ ହେଇଛନ୍ । ଇ ପ୍ରତିଯୋଗିତାଥି ଉତୀର୍ଣ୍ଣ ହେଇଥିବାର୍ ଭାରତୀୟ ଜୁନିୟର୍ ଦଲ୍ ଅକ୍ଟୋବର୍ ୫ ନୁ ୧୭ ତାରିଖ୍ ତକ୍ ଇଜିପ୍ଟର କାଇରୋ ନ ହେବାର୍‌କେ ଥିବା ବିଶ୍ୱ ଜୁନିୟର୍ ଚାମ୍ପିଅନ୍‌ସିପ୍‌ଥି ଭାଗ୍ ନେବେ । ଯୋଗ୍ୟତା ପର୍ଯ୍ୟାୟଥି ଓଡ଼ିଶାନୁ ବାଲକ ସିଙ୍ଗିଲ୍‌ସ୍‌ଥି ୨୭ ଝନ୍, ବାଳିକା ସିଙ୍ଗିଲ୍‌ସଥି ୧୩ ଝନ୍, ବାଲକ ଡବଲ୍ସ୍‌ଥି ୧୨ ଝନ୍, ବାଳିକା ଡବଲ୍ସ୍‌ଥି ୫ ଝନ୍ ଆଉ ମିକ୍ସଡ୍ ଡବଲ୍ସ୍‌ଥି ୧୧ ଟା ଯୋଡ଼ି ଭାଗ୍ ନଉଛନ୍ ।

ସିଡବ୍ଲୁଜି ଗେମ୍‌ସ୍ ଆର୍‌ଏନ୍‌ୟୁ/ କଟକ୍

ସ୍କଟ୍‌ଲାଣ୍ଡ୍‌ର ଗ୍ଲାସ୍‌ଗୋ ଠାନେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ା ପ୍ରତିଯୋଗିତାଥି ଭାରତୀୟ ମୁଷ୍ଟିଯୋଦ୍ଧା ଲଭ୍‌ଲିନା ବୋର୍‌ଗୋହିଁ ମହିଳା ୭୫ କିଲୋଗ୍ରାମ୍ ସେମିଫାଇନାଲ୍‌ଥି କାଂସ୍ୟ ପଦକ୍ ହାସଲ୍ କରିଛନ୍ । ସେନ୍ତା ଭାରତୀୟ ଭାରୋତଲନ୍‌କାରୀ ଝଣ୍ଟୁ କୁମାର୍ ଭିଲ୍ କାଂସ୍ୟ ପଦକ୍

ପାଇଛନ୍ । ମୁଷ୍ଟିଯୁଦ୍ଧରୁ ଯଦୁମଣି ସିଂ - ୫୫ କେଜି ପୁରୁଷ ବର୍ଗକେ ଉନ୍ନୀତ ହେଇଛନ୍ । ଲନ୍‌ବାଓ୍ୱେଲ୍‌ସ୍‌ଥି ମହିଳା ଯୋଡ଼ି ରୁପାରାଣୀ ତୀର୍କି ଆଉ ପିଙ୍କି ସିଂ ଗ୍ରୁପ୍-ବି ର ମେଚ୍‌ଥି ଦକ୍ଷିଣ ଆଫ୍ରିକା ଯୋଡ଼ିକେ ହରେଇକରି ପରବର୍ତୀ ପର୍ଯ୍ୟାୟକେ ଯାଇଥିବାର୍ ବେଲେ୍ ପୁରୁଷ ଏକକଥି ପୁତୁଲ୍ ସୋନ୍‌ଓ୍ୱାଲ୍ ଜିତିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଉତର୍ -ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ତାକେ ଲାଗିକରି ଥିବା ପଶ୍ଚିମବଙ୍ଗ ଓଡ଼ିଶା ସମୁଦ୍ରଖଁଡ଼ି ନ ଆଏଜ୍ ଗୁଟେ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେଇଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ଜବର୍ ବର୍ଷା ହେବା ବଲି କଟକ୍, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜ୍‌ପୁର୍, ଜଗତ୍‌ସିଂହପୁର୍ ଆର୍ କେନ୍ଦୁଝର୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେନ୍ତା ୧୮ ଟା ଜାଗା ନ ବିଜ୍‌ଲି, ଘଡ଼୍‌ଘଡ଼ି

ସହେତେ ଜବର୍ ନୁ ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଆଏବା ୪ ଦିନ୍‌ତକ୍ ରାଏଜେ ବର୍ଷା ଲାଗି ରହେବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଞ୍ଝର୍ ୬ ବଜେତକ୍ ୬ ଶହ ୧୩ ଦଶ୍‌ମିକ୍ ୧/୯ ଫୁଟ୍ ରହିଥିଲା । ଇ ସମିଆଥି ଜଲ୍‌ଭଣ୍ଡାର୍‌ନୁ ୧୨ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୧ ଲାଖ୍ ୫୧ ହଜାର୍ ୩ ଶହ ୬୯ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୨ ଲାଖ୍ ୧୫ ହଜାର୍ ୫ ଶହ ୬୪ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।